## ରଘୁନାଥପୁର ବ୍ଲକ ଜୋନ୍ -୨

# ଆଶାୟୀଙ୍କ ଲମ୍ବା ଲାଇନ୍










- ଗାଁ ଗହଳିରେ ବଢୁଛି ଉଷ୍ମତା
- ୧୦ଟି ପଞ୍ଚାୟତକୁ ନେଇ ଗଠିତ

**ରଘୁନାଥପୁର(ଅମୃତ ମିଡିଆ):** ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି, ଗାଁ ଗହଳିରେ ଏହାର ଉଷ୍ମତା ଧିରେ ଧିରେ ବଢିବାରେ ଲାଗିଛି। ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଓ୍ୱାର୍ଡମେମ୍ବର, ଏପରିକି ବ୍ଲକ୍ ଅଧକ୍ଷ ପଦବୀ ପାଇଁ ମଧ ବହୁ ଆଶାୟୀ ରହିଥିବା ଦେଖିବାକୁ ମିଳିଛି। ତେବେ ସଂରକ୍ଷଣ ତାଲିକା ଏ ପର୍ଯ୍ୟନ୍ତ ପ୍ରକାଶ ହୋଇନଥିବାରୁ ସମସ୍ତେ ଚୁପ୍ ଚାପ୍ ନିଜ ନିଜ ଭିତରେ କଥାଟିକୁ ଆଲୋଚନାରେ ସୀମିତ ରଖିଛନ୍ତି। ଏଥି ମଧ୍ୟରୁ ରଘୁନାଥପୁର ବ୍ଲକ ଜୋନ୍ (୨)ର ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀ ପାଇଁ ବହୁ ଆଶାୟୀ ଥିବା ଜଣାଯାଇଛି। ରଘୁନାଥପୁର ବ୍ଲକ ଜୋନ୍ (୨)ଟି ସାଦେଇପୁର, ଅଢ଼େଇ କୂଳ,ଚିକିଣିଆ, ରେଢୁଆ,ତଅାଁରା, ରାଢଙ୍ଗ, ଏରଡଙ୍ଗା, ପୁରୁଣା ବସନ୍ତ,ଛପଡ଼ା ଓ ବିଦ୍ୟାଧରପୁର ଏପରି ୧୦ଟି ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଏହି ଆସନଟି ହରିଜନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ଏହି ଜୋନରୁ ଗତଥର ବିଜେଡିର ମହିଳା ପ୍ରାର୍ଥୀନି ଇତିଶ୍ରୀ ମଲ୍ଲିକ ବିଜେପି ପ୍ରାର୍ଥିନୀ ଲିପିକା ମଲ୍ଲିକଙ୍କୁ ପରାଜିତ କରି ବିଜୟୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀନି କନକଲତା ସେଠୀ ଅମାନତ ରକ୍ଷା ପାଇଁ ଲଢ଼େଇ କରିଥିଲେ। ତେବେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ଏହି ଜୋନରେ ଆଶାୟୀଙ୍କ ମଧ୍ୟରେ ଶାସକ ବିଜେପି ଯୁବମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ମାନସ କୁମାର ମହାପାତ୍ର (ସାଇ) ବର୍ତ୍ତମାନ ଜୋନ୍(୨)ର ବିଜେପି ସଭାପତି ବିନୋଦ ନାୟକ ଏବଂ ବିଜେପି ଦଳର ବ୍ଲକ ସ୍ତରୀୟ ଜଣେ ସୁସଂଗଠକ ତଥା ଗତ ନିର୍ବାଚନରେ ପରାଜିତ ଲିପିକି ମଲ୍ଲିକଙ୍କ ସ୍ୱାମୀ ପ୍ରଭଞ୍ଜନ ମଲ୍ଲିକ ଦଳୀୟ ଜିଲ୍ଲା ପରିଷଦ ଟିକେଟ ପାଇଁ ଆଶାୟୀ ଅଛନ୍ତି। ସେହିପରି କଂଗ୍ରେସ ଦଳରୁ ଛାତ୍ର କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର ଦଳୀୟ ଟିକେଟ ପାଇଁ ଆଶାୟୀ ଥିବା ବେଳେ ଦଳର ସମସ୍ତ ନେତା ଓ କର୍ମୀ ଏକ ହୋଇ ଏହି ସିଟ୍ ଟିକୁ ହାତେଇବା ପାଇଁ ଉଦ୍ୟମ କରିବାର ପୂର୍ବାଭାସ ଦେଖାଯାଇଛି। ଅପରପକ୍ଷେ ମୁଖ୍ୟ ବିରୋଧୀ ଦଳ ବିଜେଡିର ଅନେକ ଟିକେଟ ଆଶାୟୀଙ୍କ ମଧ୍ୟରେ ରେଢୁଆ ସମିତି ସଭ୍ୟ ବିଶ୍ୱଜିତ ଦାଶଙ୍କ ନାମ ସର୍ବାଗ୍ରେ ରହିଥିବା ଜଣାଯାଇଛି।ସେ ଜଣେ ଦଳର ଦୃଢ଼ ସମର୍ଥକ, ସୁସଂଗଠକ, ମେଳାପୀ ଓ ପରୋପକାରୀ ବ୍ୟକ୍ତିତ୍ୱ ଭାବରେ ଆଖପାଖ ପଞ୍ଚାୟତ ସହିତ ରଘୁନାଥପୁର ବ୍ଲକରେ ବେଶ୍ ଜଣାଶୁଣା। କୈଣସି ବିବାଦୀୟ ସ୍ଥିତିରେ ସେ ସଂଶ୍ଳିଷ୍ଟ ନଥିବାରୁ ବିଜେଡି କର୍ମୀ ମାନଙ୍କ ମଧ୍ୟରେ ସେ ଆସ୍ଥା ଭାଜନ ହୋଇ ପାରିଛନ୍ତି। ଯଦି ସଂରକ୍ଷଣ ହଟେ ଏବଂ ଶ୍ରୀ ଦାଶଙ୍କୁ ଦଳୀୟ ଟିକେଟ ଦିଆଯାଏ , ତେବେ ବିଜେଡି ଏହି ସିଟରେ ନିଶ୍ଚିତ ବାଜିମାତ୍ କରିବ ବୋଲି ତଅାଁରା ସରପଞ୍ଚ ବଟକୃଷ୍ଣ ନାୟକ, ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ରାଢଙ୍ଗ ସରପଞ୍ଚ ସୁଶିଲ କୁମାର ବାରିକ, ଛପଡ଼ା ସରପଞ୍ଚ ଅମୀତା ଖୁଣ୍ଟିଆ, ଅଢ଼େଇ କୂଳ ସରପଞ୍ଚ ରୀନାରାଣୀ ସ୍ୱାଇଁ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମା, ଛାତ୍ର ନେତା ରାଜେଶ ମିଶ୍ର, ଜୋସେଫ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଆସ୍ଥା ପ୍ରକଟ କରିଛନ୍ତି। ତେବେ ସଂରକ୍ଷଣ ତାଲିକା ପ୍ରକାଶନକୁ ସମସ୍ତ ଦଳୀୟ କର୍ମୀ ଅପେକ୍ଷା କରି ରହିଥିବା ବେଳେ ଜୋନ୍ (୨)ରୁ କେଉଁ ଦଳ ବାଜିମାତ୍ କରିବ ତାକୁ ଜନସାଧାରଣ ଉତ୍ସୁକତା ସହ ଅପେକ୍ଷା କରିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ

# ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

**ଜୟପୁର(ଅମୃତ ମିଡିଆ):** ଅନୁକମ୍ପା ମୁଳକ ରାଶି ପ୍ରଦାନ କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଓଡିଶା ଅମଲା ସଙ୍ଘର ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଅନୁରୋଧ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଥିବା କର୍ମଚାରୀ ପୁଷ୍ପିତ ତ୍ରିପାଠୀ ତା ୨୩.୦୪.୨୦୨୬ ରିଖ ଦିନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ସେ ତାଙ୍କ ସ୍ତ୍ରୀ ଙ୍କ ସହିତ କୋରାପୁଟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ କୁ ଚିକିତ୍ସା ନିମନ୍ତେ ଯାଇଥିଲେ । ସେଠାରେ ସେ ଛାତି ରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିବା କହିବା ସତ୍ୱେ ଜରୁରୀକାଳୀନ ଚିକିତ୍ସା ଆରମ୍ଭ ନ କରି ତାଙ୍କୁ ବିଭିନ୍ନ ସ୍ଥାନକୁ ପରିକ୍ଷା ନିମନ୍ତେ ପଠାଇଥିଲେ। ଫଳରେ ଚିକିତ୍ସା ଆରମ୍ଭ କରିବା ପୁର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଯଦି ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଚିକିତ୍ସା ରେ ଅବହେଳା କରାଯାଏ ସାଧାରଣ ଲୋକଙ୍କ ଅବସ୍ଥା କଣ ହେଉଥିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଉକ୍ତ ବିଷୟ ଗଣମାଧ୍ୟମରେ ମଧ ପ୍ରଚାର ପ୍ରସାର ହୋଇଛି, ଏ ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ଏହାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏ ନେଇ ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶ୍ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିବା ସହିତ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିବା ସହିତ ଚିକିତ୍ସାରେ ଅବହେଳା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିବା ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି। ଶ୍ରୀ ଦାଶ୍ କହିଛନ୍ତି ଯେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅବହେଳିତ ଓ ନିଷ୍ପେସିତ ଓ ଚାପ ଗ୍ରସ୍ତ ହୋଇ ରହୁଛନ୍ତି କାର୍ଯ୍ୟ ଲୟରେ ଅଧିକାରୀ ଙ୍କ ଚାପ ସହିତ ଆର୍ଥିକ ଚାପ ମଧ ରହୁଛି ଯେହେତୁ ସେମାନେ ସ୍ୱଳ୍ପ ବେତନ ଭୋଗି ଯଦି ସ୍ୱର୍ଗତ ତ୍ରିପାଠୀ ଙ୍କ ଆର୍ଥିକ ସ୍ଥିତି ଠିକ୍ ରହିଥାନ୍ତା । ତା ହେଲେ ସେ ଗୋଟିଏ ଭଲ ଘୋରୋଇ ଚିକିତ୍ସାଳୟ ରେ ତାଙ୍କର ଚିକିତ୍ସା କରି ପାରିଥାନ୍ତେ, ଏହି ଭଳି ବହୁ କର୍ମଚାରୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ତେଣୁ ଶ୍ରୀ ଦାଶ୍ ସରକାର ଙ୍କୁ ଅନୁରୋଧ କରୁଛନ୍ତି ଅନ୍ତତଃ ପକ୍ଷେ ସମସ୍ତ ସରକାରୀ କର୍ମଚାରୀଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବିମା ଯୋଗାଇ ଦେଲେ କର୍ମଚାରୀ ମାନେ ଉତ୍ତମ ଚିକିତ୍ସା ପାଇପାରିବେ । ଦିର୍ଘ ଦିନ ଧରି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଏହି ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିଥିବା ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ଅଟୋ ଆମ୍ବୁଲାନ୍ସ ପ୍ରଦାନ



**ବାଲୁଗାଁ(ଅମୃତ ମିଡିଆ):**ବାଣପୁର ବାଲୁଗାଁ ରୋଟାରୀ କ୍ଲବ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନଙ୍କ ନିମନ୍ତେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ମାନ ବିଗତ ୩୯ ବର୍ଷ ଧରି କରିଆସୁଅଛି ।ଗତକାଲି ସଂନ୍ଧ୍ୟାରେ ବାଲୁଗାଁ କଲେଜ ପରିସରରେ ଚାଲୁଥିବା ଚିଲିକା ପୁସ୍ତକ ମେଳାରେ କ୍ଲବ ପକ୍ଷରୁ ରାଜ୍ୟ ସରକାରଙ୍କ ମାନ୍ୟବର ଆଇନ, ଅବକାରୀ,ଓ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଓ ରୋଟାରୀ ଜିଲ୍ଲା ୩୨୬୨ର ଗତ ବର୍ଷର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ କରକମଳରେ ଏକ ଅଟୋ ଆମ୍ବୁଲାନ୍ସ ଜନସାଧାରଣଙ୍କ ସେବା ପାଇଁ ବାଣପୁରର ଜଣେ ଭିନ୍ନକ୍ଷମ ଯୁବକ ଶିବରାମ ନାୟକଙ୍କୁ ପ୍ରଦାନ କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସୁନୀଲ ପାତ୍ର,ପ୍ରାକ୍ତନ ସଭାପତି ସରୋଜିନୀ ଦାଶ,ବିଜୟ କୁମାର ବେହେରା,ଶ୍ୟାମସୁନ୍ଦର ପୃଷ୍ଟି, ନନ୍ଦକିଶୋର ମିଶ୍ର,ରବି ନାରାୟଣ ନାୟକ,ରବି ନାରାୟଣ ପାଲ,ଆଗାମୀ ବର୍ଷର ସଭାପତି ଡକ୍ଟର ଚିନ୍ତାମଣୀ ମିଶ୍ର ଓ ସଭ୍ଯ ଅଶୋକ କୁମାର ନାୟକ, ସଂଜୟ କୁମାର ସାହୁ,ଗଗନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ଆମ୍ବୁଲାନ୍ସ ସେବା ପାଇଁ ୮୯୧୭୬୫୫୬୨୯ ନମ୍ବରରେ ଯୋଗାଯୋଗ କରି ଜନସାଧାରଣ ଏହାର ସୁଯୋଗ ନେଇ ପାରିବେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ସିହା ପଞ୍ଚାୟତରେ କଂଗ୍ରେସର କର୍ମୀବୈଠକ

**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ସିହା ପଞ୍ଚାୟତର ମା' ଭଗବତୀ ପୀଠରେ ପଞ୍ଚାୟତସ୍ତରୀୟ କଂଗ୍ରେସ ବୈଠକ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦ କ ତଥା କଂଗ୍ରେସ ନେତା ଡ. ସନ୍ତୋଷ କୁମାର ବଳ ଯୋଗଦେଇ ବର୍ତ୍ତମାନ ସରକାର ସମୟରେ ସରକାରୀ ସ୍ତରରେବ୍ୟାପକ ଦୁର୍ନୀତି ହେବା ସହିତ ବେଆଇନ ଭାବେ ବଡ଼ଚଣାର ବିଭିନ୍ନ ଅଞ୍ଚଳରୁ ବାଲି, ମାଟି, ମୋରମ ଓ ମାଙ୍କଡ଼ା ପଥର ବାହାର ଅଞ୍ଚଳକୁ ଚାଲାଣ କରାଯାଉଛି ବୋଲି କହିଥିଲେ। ଅଭି ସିଂ, ନକୁଳ ଚରଣ ସାହୁ, ଅମରେନ୍ଦ୍ର ଓଝା, ବିଜୟ କୁମାର ସାହୁ, ନୁର ବାରିକ, ତପନ ସାମଲ, ଚକ୍ରଧର ସାମଲ, ମିଟୁ ସାହୁ ଓ ଅକ୍ଷୟ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। କଂଗ୍ରେସ ନେତା ଅଭି ସିଂହଙ୍କୁ ସିହା ପଞ୍ଚାୟତ କଂଗ୍ରେସର ସଂଗଠକ ଭାବେ ଦାୟିତ୍ୱ ଅର୍ପଣ କରା ଯାଇଥିଲା। ଯେଉଁ କଂଗ୍ରେସ କର୍ମୀ ଦଳ ଛାଡ଼ି ଅନ୍ୟ ଦଳକୁ ଯାଇଛନ୍ତି ସେମାନଙ୍କୁ କଂଗ୍ରେସ ଦଳକୁ ଫେରାଇ ଆଣିବାକୁ ଶ୍ରୀ ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିବା ନେଇ ସଭାପତି ଶ୍ରୀ ସାହୁ ଘୋଷଣା କରିଥିଲେ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

# ଗୁହାରି ଜଣାଇଲେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ



**ବାରିପଦା/ଉଦଳା(ଅମୃତ ମିଡିଆ):** ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଭାଇ ଭଉଣୀ ମାନେ ଦୈନନ୍ଦିନ ଜୀବନରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟାକୁ ଆଜି ଏପ୍ରିଲ ୨୭ ତାରିଖ ସୋମବାର ଦିନ ଉଦଳା ଠାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସମୟରେ ଲିଖିତ ଆକାରରେ ଜଣାଇଛନ୍ତି । ଏହି ଜନଜାତିର ଲୋକେ ବସବାସ କରୁଥିବା କେତେଗୁଡ଼ିଏ ଗ୍ରାମକୁ ସବୁଦିନିଆ ରାସ୍ତା ନଥିବା ବେଳେ କିଛି ଗ୍ରାମକୁ ବିଦ୍ୟୁତ ଲାଇନ ସଂଯୋଗ ହୋଇନାହିଁ । ସେହିପରି ପିଇବା ପାଣିର ସମସ୍ୟା ମଧ ଅନେକ ଗୁଡ଼ିଏ ଗ୍ରାମରେ ପରିଲକ୍ଷିତ ହେଉଛି । ଛାତ୍ର ଛାତ୍ରୀଙ୍କୁ ହଷ୍ଟେଲ ସିଟ ମିଳୁନଥିବା ଯୋଗୁଁ ବହୁ ପିଲା ପାଠପଢ଼ି ପାରୁ ନାହାଁନ୍ତି । ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷାରୁ ମଧ ବହୁ ଲୋକ ବଂଚିତ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ବୋଲି ସେମାନେ କହିଛନ୍ତି । କିଛି ଲୋକ ଭୂମିହୀନ ଥିବା ଯୋଗୁଁ ଆବାସ ଯୋଜନାରେ ଘର ପାଇପାରୁ ନାହାଁନ୍ତି । କାମ ମିଳୁନଥିବାରୁ ଲୋକେ ଦାଦନ ଖଟିବା ପାଇଁ ବାହାରକୁ ଯିବାକୁ ବାଧ ହେଉଥିବାର କଥା ଜଣାଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସମସ୍ତ ଅଭିଯୋଗକୁ ଶୁଣିସାରିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ରବି ମଳିକ ଓ ମାନି ସିଂ ଆଜିର ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିବା ବେଳେ ବହୁସଂଖ୍ୟାରେ ଭାଇ ଭଉଣୀ ଉପସ୍ଥିତ ରହି ସହଯୋଗ କରିଥିଲେ । ମୋଟ ୧୪୮ ଗୋଟି ଅଭିଯୋଗର ଶୁଣାଣି ଆଜି ଏହି ଶିବିରରେ ହୋଇଥିବାର ଜଣାଯାଇଛି ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ

# ଗୋମାତାଙ୍କୁ ରାଷ୍ଟ୍ରୀୟ ମାତାର ମାନ୍ୟତା ନେଇ ଦାବିପତ୍ର



**ବାସୁଦେବପୁର(ଅମୃତ ମିଡିଆ):** ଦେଶ ତଥା ରାଜ୍ୟରେ ବିଭିନ୍ନ ବ୍ଲକ ରେ ଗୋ ସେବକ ମାନଙ୍କଦ୍ୱାରା ତହସିଲଦାରଙ୍କୁ ଏକ ପ୍ରାର୍ଥନା ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସମୟ ଧରି ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଗୋ ସୁରକ୍ଷା ଆଇନ ପାରିତ କରିବା ପାଇଁ ଏବଂ ଗୋମାତାଙ୍କୁ ରାଷ୍ଟ୍ରୀୟ ମାତାର ମାନ୍ୟତା ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରି ଆସୁଛନ୍ତି। ଏହି କ୍ରମରେ ଏପ୍ରିଲ ୨୭ ତାରିଖ ସୋମବାର ଦିନ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଗୋ ସେବକ ମାନଙ୍କଦ୍ୱାରା ତହସିଲଦାରଙ୍କୁ ପ୍ରାର୍ଥନା ପତ୍ର ପ୍ରଦାନ କରାଯାଇଛି। ପ୍ରାର୍ଥନା ପତ୍ର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ତହସିଲଦାର ଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରାର୍ଥନା ପତ୍ର ରେ ଗୋମାତା ଙ୍କର ସୁରକ୍ଷା, ସମ୍ମାନ ତଥା ଗୋମାତା କୁ ରାଷ୍ଟ୍ରୀୟ ମାତାର ମାନ୍ୟତା ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକ ସ୍ତରୀୟ ତହସିଲଦାର ଙ୍କୁ ପ୍ରାର୍ଥନା ପତ୍ର ପ୍ରଦାନ କରାଯାଇଛି ଏହା ପରେ ଜିଲ୍ଲା ସ୍ତରୀୟ ପରବର୍ତ୍ତୀ ସମୟରେ ରାଜ୍ୟ ସ୍ତରୀୟ ଗୋ ସମ୍ମାନ ଆହ୍ୱାନ କାର୍ଯ୍ୟକ୍ରମ କରାଯିବାକୁ ଧର୍ମ ରକ୍ଷା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରମରେ ଗୋ ସେବକ ମାନେ ବାଲି ନଗରସ୍ଥିତ ହନୁମାନ ମନ୍ଦିର ନିକଟରୁ ଏକ ପଦଯାତ୍ରା ଆରମ୍ଭ କରାଯିବା ସହିତ ବଜାର ଦେଇ ତହସିଲଦାର ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ତହସିଲଦାର ଙ୍କୁ ପ୍ରାର୍ଥନା ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରାର୍ଥନା ପତ୍ର ସହିତ ହଜାର ହଜାର ସଂଖ୍ୟାର ଗୋ ପ୍ରେମୀ ମାନଙ୍କ ର ହସ୍ତାକ୍ଷରର ଫର୍ଦ୍ଦ ସଂଯୋଗ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାସୁଦେବପୁର ର ଗୋ ସେବକ ତଥା ଧର୍ମ ରକ୍ଷା ସମିତି ର ସଭାପତି ଶଙ୍କର୍ଷଣ ମହାକୁଡ଼, ସଦସ୍ୟ ରଞ୍ଜନ କୁମାର ମଲ୍ଲିକ୍, ରାଧାଶ୍ୟାମ ମହାନ୍ତି, ଆନନ୍ଦ ଚନ୍ଦ୍ର ଦାସ, ପ୍ରଦୀପ କୁମାର ନାୟକ, ରଞ୍ଜନ କୁମାର ବାରିକ୍, ରଶ୍ମି ରଞ୍ଜନ ପଲାଇ ଙ୍କ ସମେତ ବିଭାନ ଗଙ୍ଗାଧର ଗୋଶାଳା ର ଗୋ ସେବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଜାତିଭିତ୍ତିକ ଜନଗଣନା ସଚେତନତା



**ବେତନଟୀ (ଅମୃତ ମିଡିଆ):** ବେତନଟୀ ବ୍ଲକ ଅନ୍ତର୍ଗତ ସଂସା ଗ୍ରାମରେ ଆଦିମ କୁଡୁମି ମହାସଂଘ ତରଫରୁ ଜାତିଭିତ୍ତିକ ଜନଗଣନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ଗ୍ରାମରୁ ଆସିଥିବା କୁଡୁମି ମାନଙ୍କୁ ୨୦୨୬?୨୭ ହେଉଥିବା ଜାତିଭିତ୍ତିକ ଜନଗଣନାରେ କୁଡୁମି ପରିବାରରେ ସଠିକ ତଥ୍ୟ ପ୍ରଦାନ କରିବା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଦିମ କୁଡୁମି ମହାସଂଘର ରାଜ୍ଯ ସଭାପତି ପଦ୍ମଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବରେ କୁଡୁମାଲୀ କଲଚୁରାଲ ଏସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର କୁମାର ମହାନ୍ତ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର କ୍ଷୀରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ସାରା ରାଜ୍ୟର କୁଡୁମି ମାନେ ଜନଗଣନା ହେଉଥିବା କ୍ରମିକ ନମ୍ବର ୧୩ ରେ ଜାତି-କୁଡୁମି, ଭାଷା-କୁଡୁମାଲୀ ଏବଂ ଧର୍ମ-ଆଦିବାସୀ, ଅନ୍ଯାନ୍ଯ କିମ୍ବା ପ୍ରକୃତିପୂଜକ ଭାବରେ ଦରଜ କରାଇବା ପାଇଁ ସମସ୍ତ କୁଡୁମି ଜାତିକୁ ଅନୁରୋଧ କରିଥିଲେ। ଏହି ସଭାରେ ଶିକ୍ଷକ କୃପାସିନ୍ଧୁ ମହାନ୍ତ, ଗଙ୍ଗାଧର ମହାନ୍ତ, ଝୁମର ଦଳର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରଣଜିତ ମହାନ୍ତ, ହିରଣ୍ମୟୀ ମହାନ୍ତ, ଜ୍ୟୋତ୍ସ୍ନା ମହାନ୍ତ, କନକଲତା ମହାନ୍ତ, ଯଶୋଦା ମହାନ୍ତ, ମଣି ମହାନ୍ତ, ମାନିନୀ ମହାନ୍ତ, କେଶବତୀ ମହାନ୍ତ, ଦେବକୀ ମହାନ୍ତ ଓ ସୁରୁଚି ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## କରଞ୍ଜିଆରେ ତିନିଗୋଟି ପୃଥକ ଦୁର୍ଘଟଣା

# ୪ ମୃତ ଓ ୫ ଗୁରୁତର




**ବାରିପଦା(ଅମୃତ ମିଡିଆ):** ସୋମବାର ପୂର୍ବାହ୍ନରେ କରଞ୍ଜିଆ ଥାନା ଅଞ୍ଚଳରେ ତିନିଗୋଟି ପୃଥକ ଦୁର୍ଘଟଣା ଘଟିଥିବାର ଜଣାଯାଇଛି। ବାଇକକୁ ପିଟିଲା ସ୍କର୍ପିଓ, ବାଇକ ଆରୋହୀ ସ୍ୱାମୀ ଶଙ୍କର ଓ ସ୍ତ୍ରୀ କବିତା ମୃତ୍ୟୁ ବରଣ କରିଥିଲେ। ମୃତକ ସ୍ୱାମୀ ସ୍ତ୍ରୀ କରଞ୍ଜିଆ ହସ୍ପିଟାଲ ରେ କାମ ସାରି ନିଜ ଘର ପାଣ୍ଡ ଗ୍ରାମକୁ ଯାଉଥିବା ବେଳେ ଜାମସେଦପୁର ଟାଟା ରୁ ତାରିଣୀ ଦର୍ଶନ ପାଇଁ ଆସୁଥିବା ଏକ ସ୍କୋର୍ପିଓ ଗାଡିର ଆଗ ଚକା ଫାଟିଯିବାରୁ ଗାଡିଟି ଭାରସ୍ୟମ ହରାଇ କରଞ୍ଜିଆ ଗ୍ରୀଡ଼ ନିକଟରେ ଦୁର୍ଘଟଣା ଘଟିଥିଲା ,ସ୍କର୍ପିଓ ଗାଡ଼ିରେ ବସିଥିବା ଟାଟା ଅଂଚଳର ଧୀରାମଣୀ ବୀଣାପାଣି ଦେବୀ(୭୦), ବୀଣାପାଣୀ ମହାନ୍ତି (୫୨) ଓ ରେଣୁବାଳା ପରିଡା (୫୮)ଦୁଇ ମହିଳା ଆହତ ହୋଇଥିବାବେଳେ ଦୁଇ ବାଇକ ଆରୋହୀ ମୃତ୍ୟୁ ବରଣ କରିଥିବାର ଜଣାଯାଇଛି । ସେହିପରି କାଦ ଡିହା ନିକଟରେ କଲେଜ ରୁ ଫେରୁଥିବା ବେଳେ ପଡିଆ ବେଡା କଲେଜ ଅଧ୍ୟାପକଙ୍କ ବାଇକ କୁ ପିଟିଲା ଅନ୍ୟ ଏକ ବାଇକ, ଏଥିରେ ଆହତ ମାନେ ଗୁରୁତର ହୋଇ କରଞ୍ଜିଆ ହସ୍ପିଟାଲରେ ଭର୍ତି ହୋଇଥିବାର ଜଣାପଡିଛି । ସେହିପରି କାଦଡିହା ନିକଟରେ କାରକୁ ପିଟିଲା ପ୍ରଶାନ୍ତି ନାମକ ଏକ ଯାତ୍ରୀ ବାହି ବସ । ଏହି ଦୁର୍ଘଟଣା ରେ ଦୁଇଜଣ ମୃତ୍ୟୁ ବରଣ କରିଥିବାବେଳେ , ଜଣେ ଗୁରୁତର ହୋଇ କରଞ୍ଜିଆ ହସ୍ପିଟାଲ ରେ ଭର୍ତି ହୋଇଥିବାବେଳେ ଜଙ୍ଗଲ ମନ୍ତ୍ରୀ ଗଣେଶ୍ୱର ସିଂ ଖୁଣ୍ଟିଆ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ କରିଥିବାର ଜଣାପଡିଛି ।

# ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି

## ହଜାର ହଜାର ଶ୍ରଦ୍ଧାଳୁଙ୍କ ଯୋଗଦାନ



**ସିନାପାଲି(ଅମୃତ ମିଡିଆ):** ନୂଆପଡା ଜିଲ୍ଲା ସିନାପାଲି ଠାରେ ନବନିର୍ମିତ ଭବ୍ୟ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ଆଜି ପୂର୍ଣ୍ଣାହୁତୀ ପଡିଛି । ଆଜି ସକାଳୁ ଧ୍ୱଜାରୋହଣ, ବିଗ୍ରହଙ୍କ ନଗରପରିକ୍ରମା ଓ ମନ୍ଦିର ପ୍ରବେଶ ନୀତି ସହ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ଧାର୍ମିକ ସମାରୋହର ପରିସମାପ୍ତି ଘଟିଛି । ଗତ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା ଆଦି ରୀତିନୀତି ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବୈଠକୀ କୀର୍ତନ ମୁଖ୍ୟ ଆକର୍ଷଣ ଥିଲା । ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉତ୍ସବ ପରିଚାଳନା କମିଟିର ସଭାପତି ସୁବାଷ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶରାମ ମେହେର, କୋଷାଧକ୍ଷ ସନ୍ତୋଷ କୁମାର ମେହେରଙ୍କ ସହ ଲୋକନାଥ ମେହେର, ଖଗେଶ୍ୱର ମେହେର (ଟେରିକଟ) ଉଦ୍ଧବ ମେହେର, ପ୍ରଦୀପ ମେହେର, କ୍ଷୀରସିନ୍ଧୁ ମେହେର, ମୁରଲୀଧର ମେହେର, କେଶରୀ ମେହେର ପ୍ରମୁଖ ପରିଚାଳନା କରିଥିଲେ । ଉତ୍ସବରେ ଦଶ ଯୋଡ଼ା ଦମ୍ପତି କର୍ତା ରହିଥିବା ବେଳେ ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଦାୟିତ୍ୱ ନିର୍ବାହ କରିଥିଲେ । ସୂଚନାଯୋଗ୍ୟ ଯେ ସେତେବେଳର ଶିବ ଉପାସକଙ୍କ ଆଗ୍ରହକୁ ଦେଖି ପ୍ରାୟ ୧୯୪୦ ମସିହା ବେଳକୁ ଏଠିକାର ଜଣେ ଧର୍ମପ୍ରାଣ ବ୍ୟକ୍ତି ଧନୁ ମେହେର ନିଜସ୍ୱ ପ୍ରୟାସରେ ଏଠାରେ ଏକ ଗଛ ମୂଳରେ ଉଭୟ ସିନାପାଲି ଓ କାପସି ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ଚେଷ୍ଟାରେ ପୂଜା ପାଇ ଆସୁଥିବା ଶିବ ଭଗବାନଙ୍କ ପାଇଁ ଏକ ଗୁଡ଼ି ତିଆରି କରିଥିଲେ, ଯାହା ମହାଦେବଗୁଡ଼ି ଭାବରେ ଅଦ୍ୟାବଧି ଲୋକଙ୍କ ବିଶ୍ୱାସର ପ୍ରତୀକ ହୋଇ ରହିଆସିଥିଲା । ଅନେକ ଭକ୍ତ ନିଜ ମନସ୍କାମନା ପୂର୍ଣ୍ଣ ନିମନ୍ତେ ଏଠାରେ ପାଳ ପଡି ଭଗବାନ ଶିବଙ୍କ ଆଶୀର୍ବାଦ ପାଇଥିବା ଶୁଣାଯାଏ, ଯାହା ଏହି ମନ୍ଦିରର ମହତ୍ୱକୁ ଅଧିକ ପରିବର୍ଦ୍ଧିତ କରେ । ବଂଶାନୁକ୍ରମେ ସୌଦାଗର ଦାସଙ୍କ ପରିବାର ଏହି ମନ୍ଦିରର ପୂଜା ଦାୟିତ୍ୱରେ ରହିଆସିଥିବା ବେଳେ ଏବେ ତାଙ୍କ ଉତ୍ତରାଧିକାରୀ ଭାବେ ଭୀଷ୍ମରାଜ ଦାସ ମନ୍ଦିର ପୂଜକ ରହିଛନ୍ତି । ତେବେ ଗତ ୨୦୧୬ରେ ସେତେବେଳର ସରପଞ୍ଚ ସତ୍ୟବାନ ମେହେର ଓ କିଛି ଭଦ୍ର ବ୍ୟକ୍ତିଙ୍କ ଉଦ୍ୟମରେ ଯମୁନା ମେହେର ଦାନ ଦେଇଥିବା ଭୂମିରେ ସର୍ବସାଧାରଣଙ୍କ ସହଯୋଗରେ ଏହି ଗୁଡିକୁ ଭବ୍ୟ ମନ୍ଦିର କରିବାକୁ ପ୍ରୟାସ ଆରମ୍ଭ ହୋଇଥଲା। ଆଜି ଏଭଳି ଭବ୍ୟ ଓ ଆକର୍ଷଣୀୟ ଶିବ ମନ୍ଦିର ପ୍ରତିଷ୍ଠାକୁ ନେଇ ସାରା ଅଞ୍ଚଳରେ ଉତ୍ସାହ ଖେଳି ଯାଇଛି ।